# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**2 March – 2025**

---

# ମହିଳା ଦିବସ

ରାଜ୍ୟ ସରକାରଙ୍କର ମହିଳା ସଶକ୍ତିକରଣ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ୬ ତାରିଖ ଦିନ ପ୍ରଦାନ କରାଯିବ । ବିଭିନ୍ନ କାରଣରୁ ପ୍ରଥମ ପର୍ଯ୍ୟାୟର ସହାୟତା ରାଶି ପାଇନଥିବା ପ୍ରାୟ ୧ ଲକ୍ଷ ୭୦ ହଜାର ହିତାଧିକାରୀ ମହିଳାଙ୍କୁ ଏହି ସହାୟତା ରାଶି ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ଏହା ବ୍ୟତୀତ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆସନ୍ତା ୮ ତାରିଖରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଏହି ପର୍ଯ୍ୟାୟରେ ପ୍ରାୟ ୧ କୋଟି ମହିଳାଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯିବ ।

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଭୁବନେଶ୍ୱର ରମାଦେବୀ ମହିଳା ମହାବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀର ଆୟୋଜନ କରାଯାଉଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେବେ ।

---

## ପ୍ରକଳ୍ପ ମଂଜୁରୀ

ଦୁଇଦିନିଆ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ମୟୂରଭଞ୍ଜ ଜିଲ୍ଲାର ଖିଚିଂର ପ୍ରସିଦ୍ଧ କିଚକେଶ୍ୱରୀ ମନ୍ଦିରର ବିକାଶ ଏବଂ ଉନ୍ନତିକରଣ ପାଇଁ ୫୦ କୋଟି ଟଙ୍କା ମଂଜୁର କରିଛନ୍ତି । ପାଞ୍ଚପୀଢ଼ ଉପଖଣ୍ଡ ପାଇଁ ପ୍ରାୟ ୬୫ କୋଟି ଟଙ୍କା ବ୍ୟୟ ଅଟକଳରେ ୫୩ଟି ପ୍ରକଳ୍ପର ମଧ୍ୟ ଶୁଭ ଉଦ୍‌ଘାଟନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଗତକାଲି ମୟୂରଭଞ୍ଜ ଜିଲ୍ଲାର ଉଦଳା ବ୍ଲକରେ ୩୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିଥିଲେ ।

## ଜିଏସଟି

କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବାକର-ଜିଏସ୍‌ଟି ବାବଦରେ ଗତ ଫେବୃୟାରୀ ମାସରେ ୧ଲକ୍ଷ ୮୪ ହଜାର କୋଟି ଟଙ୍କା ଆଦାୟ କରିଛନ୍ତି । ୨୦୨୪ ମସିହା ଫେବୃୟାରୀ ମାସ ତୁଳନାରେ ଚଳିତ ବର୍ଷ ଫେବୃୟାରୀ ମାସରେ ଜିଏସଟି ଆଦାୟ ୯ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇଛି । ସେହିପରି ଗତମାସରେ ଓଡ଼ିଶାର ଜିଏସଟି ଆଦାୟ ପରିମାଣ ୫ ହଜାର ୩୪୪ କୋଟି ଟଙ୍କା ଥିବା ଜଣାପଡ଼ିଛି, ଯାହାକି ଗତବର୍ଷ ଫେବୃୟାରୀ ମାସ ତୁଳନାରେ ୪ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି ।

# ମିଲେଟ୍ କିଷାନ ମେଳା

ଭାରତୀୟ ମିଲେଟ୍ ଗବେଷଣା ସଂସ୍ଥାନ ପକ୍ଷରୁ ହାଇଦ୍ରାବାଦଠାରେ ରାଷ୍ଟ୍ରୀୟ ମିଲେଟ୍ କିଷାନ ମେଳା ଓ ଶିଳ୍ପ ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ । ଏହି ମେଳାରେ ଯୋଗଦେବା ପାଇଁ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଓ କବିସୂର୍ଯ୍ୟନଗର ବ୍ଲକର ୨୫ ଜଣ ଅଗ୍ରଣୀ ଚାଷୀଙ୍କୁ ମନୋନୀତ କରାଯାଇଥିବା ଜିଲ୍ଲା କୃଷିଅଧିକାରୀ ସୂଚନା ଦେଇଛନ୍ତି ।

# କୃଷି ଯନ୍ତ୍ରପାତି ମେଳା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ କଲେଜ ପରିସରରେ ଚାଲିଥିବା  ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଏବଂ ଜିଲ୍ଲା କୃଷି ମହୋତ୍ସବ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନୀ ସଭାରେ ଗତକାଲି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଂଜନ ଦ୍ୟାନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ପାଇଁ ରିହାତି ଦରରେ କୃଷି ଯନ୍ତ୍ରପାତି ଉପଲବ୍ଧ କରିବା ଏବଂ କୃଷି ଅଧିକାରୀ ଓ କୃଷକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି, କୃଷିକ୍ଷେତ୍ରର ଅଭିବୃଦ୍ଧି କିପରି କରାଯାଇ ପାରିବ ସେ ଉପରେ ଆଲୋଚନା ହୋଇଥିଲା । ମେଳାରେ ୧୦୫ଟି ଷ୍ଟଲ ଖୋଲାଯାଇ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଉଛି ।

# ସୁଭଦ୍ରା ଶକ୍ତି ଉଦ୍‌ଯାପିତ

ଭୁବନେଶ୍ୱରରେ ୯ ଦିନ ଧରି ଚାଲିଥିବା ସୁଭଦ୍ରା ଶକ୍ତିମେଳା ୨୦୨୫ ଆଜି ଅପରାହ୍ନରେ ଉଦ୍‌ଯାପିତ ହେବ । ଉଦ୍‌ଯାପନୀ ଉତ୍ସବରେ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେବେ । ସୂଚନାଯୋଗ୍ୟ ସୁଭଦ୍ରା ଶକ୍ତିମେଳାରେ ସମୁଦାୟ ବିକ୍ରିୟ ପରିମାଣ ୩ କୋଟି ଟଙ୍କା ଅତିକ୍ରମ କରିଥିବା ବେଳେ ୨ ଲକ୍ଷ ୫୦ ହଜାର ଦର୍ଶକ ମେଳାକୁ ବୁଲି ଦେଖିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି ।

# ଆଲୋଚନାଚକ୍ର

**ଏକ ରାଷ୍ଟ୍ର ଏକ ନିର୍ବାଚନ ଓ ଗଣମାଧ୍ୟମ ଦୃଷ୍ଟିକୋଣ** ବିଷୟବସ୍ତୁକୁ ନେଇ ପୁରୀ ସଂସ୍କୃତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସରରେ ପୂର୍ବାହ୍ନ ୧୦ଟାରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଛି । ପୁରୀରୁ ପ୍ରକାଶିତ ଏକ ସମ୍ବାଦପତ୍ର ପକ୍ଷରୁ ତା'ର ସ୍ୱନକ୍ଷତ୍ର ଉତ୍ସବରେ ଆୟୋଜନ କରାଯାଉଥିବା ଏହି ଆଲୋଚନାଚକ୍ରରେ ବିଶିଷ୍ଟ ବୁଦ୍ଧିଜୀବୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ମାରାଗୁଡ଼ା ଉତ୍ସବ

ନୂଆପଡ଼ା ଜିଲ୍ଲାର ସାଂସ୍କୃତିକ ମହୋତ୍ସବ **ମାରାଗୁଡ଼ା ଉତ୍ସବ-୨୦୨୫** ପାଳନ ନେଇ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀନ କଳା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଏହି ଉତ୍ସବର ଆୟୋଜନ କରାଯାଉଛି ।

# ଗ୍ରୀଷ୍ମ ମୁକାବିଲା

ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ସମସ୍ତ ନଳକୂପର ଯାଞ୍ଚ ଓ ମରାମତି, ଜଳକ୍ଳିଷ୍ଟ ଗ୍ରାମଗୁଡ଼ିକରେ ପାଣି ଟ୍ୟାଙ୍କର ବ୍ୟବସ୍ଥା, ଅଂଶୁଘାତ ମୁକାବିଲା ପାଇଁ ଡାକ୍ତରଖାନା ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଓ ଓଆର୍‌ଏସ୍ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

---

# ପାଣିପାଗ

ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ, ଚଳିତ ବର୍ଷର ଗ୍ରୀଷ୍ମଋତୁରେ ସର୍ବାଧିକ ତାପମାତ୍ରା ଗତକାଲି ଟିଟିଲାଗଡ଼ରେ ୩୮ ଦଶମିକ ୫ ଡିଗ୍ରୀ ରେକର୍ଡ କରାଯାଇଥିଲା । ପଶ୍ଚିମ ଓଡ଼ିଶାର ଅନ୍ୟ ଦୁଇଟି ସହର ଝାରସୁଗୁଡ଼ା ଏବଂ ବଲାଙ୍ଗୀରରର ତାପମାତ୍ରା ୩୮ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା । ସୂଚନା ଅନୁସାରେ ଗତକାଲି ରାଜ୍ୟର ୧୧ଟି ସହରରେ ତାପମାତ୍ରା ୩୭ ଡିଗ୍ରୀରୁ ଅଧିକ ଥିଲା । ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭବନା ନାହିଁ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

ଅନ୍ୟପକ୍ଷରେ ଚଳିତ ମାର୍ଚ୍ଚମାସରୁ  ମଇ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ଜାରି ରହିବ ଏବଂ ଚଳିତ ମାସରେ ଦିନ ଏବଂ ରାତିର ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ଅନୁମାନ କରାଯାଇଛି ।

.................................................................................